# NATIONAL NEWS BULLETIN (ODIA)
## 13 April - 2024
## Morning Bulletin : 7.15 A.M.

************************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କମିଶନ୍ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଦିବ୍ୟାଙ୍ଗମାନଙ୍କୁ ଘରୁ ମତଦାନ କରିବାର ସୁବିଧା ପ୍ରଦାନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛି ।
- ମଧ୍ୟପ୍ରଦେଶରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନର ପ୍ରଥମ ଦିନରେ ଗତକାଲି ୭ଜଣ ପ୍ରାର୍ଥୀ ୮ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।
- ରାମେଶ୍ୱରମ୍ କାଫେ ବୋମା ବିସ୍ଫୋରଣ ମାମଲାରେ ଏନ୍ଆଇଏ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର କୋଣ୍ଟାଇ ଠାରୁ ଦୁଇ ଜଣ ଲୋକଙ୍କୁ ଗିରଫ କରିଛି ।
- ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି ଇସ୍ରାଏଲ ଉପରେ ଇରାନ୍ ପକ୍ଷରୁ ପ୍ରତି ଆକ୍ରମଣର ଆଶଙ୍କା ରହିଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଦିଲ୍ଲୀ କ୍ୟାପିଟାଲ୍ସ ୬ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି ।

## ଇସିଆଇ-ହୋମ୍ ଭୋଟିଂ ଫ୍ୟାସିଲିଟି

ନିର୍ବାଚନ କମିଶନ୍ ଆଗାମୀ ଲୋକସଭା ନିର୍ବାଚନରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଦିବ୍ୟାଙ୍ଗମାନଙ୍କୁ ଘରୁ ମତଦାନ କରିବାର ସୁବିଧା ପ୍ରଦାନ କରୁଛି । ଏହି ସୁବିଧା ଅନୁସାରେ ୮୫ ବର୍ଷରୁ ଅଧିକ ବୟସର ମତଦାତା ଓ ଶତକଡ଼ା ୪୦ ଭାଗରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗମାନଙ୍କୁ ଘରୁ ମତଦାନ କରିବାର ସୁବିଧା ମିଳିବ । ନିର୍ବାଚନ କମିଶନ୍ କହିଛି, ଏଭଳି ମତଦାତାମାନେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସେମାନଙ୍କର ମତଦାନ ଆରମ୍ଭ କରିସାରିଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଘରୁ ମତଦାନ କରୁଥିବା ଭୋଟରମାନେ ଏଥିପାଇଁ ସନ୍ତୋଷ ଓ କୃତଜ୍ଞତା ଜଣାଇଛନ୍ତି । ନିର୍ବାଚନ କମିଶନ୍ କହିଛି, ଘରୁ ମତଦାନ କରିବା ପ୍ରକ୍ରିୟାରେ ଭୋଟ୍ ଗ୍ରହଣକାରୀ ଦଳର ସମ୍ପୂର୍ଣ୍ଣ କଣ୍ଟିଜେଣ୍ଟ ଓ ନିରାପତ୍ତା ବାହିନୀ ଯବାନମାନେ ଜଡ଼ିତ ରହୁଛନ୍ତି । ଏଭଳି ମତଦାନ ସମୟରେ ଗୋପନୀୟତାକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଉଛି । ଦେଶରେ ସମୁଦାୟ ୮୧ଲକ୍ଷରୁ ଊର୍ଦ୍ଧ୍ୱ ୮୫ବର୍ଷରୁ ଅଧିକ ବୟସର ଭୋଟର ଥିବା ବେଳେ ୯୦ଲକ୍ଷରୁ ଅଧିକ ଦିବ୍ୟାଙ୍ଗ ରହିଛନ୍ତି ।

# ଏନ୍.ଆଇ.ଏ.-ଆରେଷ୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା ରାମେଶ୍ୱରମ୍ କାଫେ ବୋମା ବିସ୍ଫୋରଣ ମାମଲାରେ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର କୋଣ୍ଟାଇ ଠାରୁ ଦୁଇ ଜଣ ଲୋକଙ୍କୁ ଗିରଫ୍ କରିଛି । ସେମାନଙ୍କର ନାମ ମୋସାବିର୍ ହୋସେନ୍ ସଜିବ ଓ ଅବଦୁଲ୍ ମଥିନ୍ ଅହମ୍ମଦ ଟାହା ବୋଲି ଜଣାପଡ଼ିଛି ଓ ସେମାନେ ୱାଣ୍ଟେଡ୍ ତାଲିକାରେ ଥିଲେ । ଏନ୍.ଆଇ.ଏ. କହିଛି, କୋଲକାତା ପୋଲିସ୍ ସହାୟତାରେ ସେମାନଙ୍କୁ ଗିରଫ୍ କରାଯାଇଛି । ମାର୍ଚ୍ଚ ପହିଲାରେ ବେଙ୍ଗାଲୁରୁରେ ସେହି ବିସ୍ଫୋରଣ ହୋଇଥିଲା । କୋଲକାତା ଏନ୍.ଆଇ.ଏ. ସ୍ୱତନ୍ତ୍ର କୋର୍ଟ୍‌ରେ ସେମାନଙ୍କୁ ଗତକାଲି ହାଜର କରାଯାଇଥିଲା । କୋଲକାତାର ଏନ୍ଆଇଏ ସ୍ୱତନ୍ତ୍ର ଅଦାଲତ ସେମାନଙ୍କୁ ୩ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛନ୍ତି । ପୂର୍ବରୁ ଏନ୍.ଆଇ.ଏ. ଏହି ମାମଲାରେ ମୋଜାମର ସରିଫ୍‌ଙ୍କୁ ଗିରଫ୍ କରିଥିଲା । ସେ ଏହି ଦୁଇଜଣଙ୍କ ବିଷୟରେ ତଥ୍ୟ ଦେଇଥିଲା । ସେହି ଦୁଇଜଣ ସନ୍ଦିଗ୍ଧଙ୍କ ଉପରେ ୧୦ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ କୋର୍ଟ୍‌ରେ ହାଜର କରାଯାଇଛି । ପୂର୍ବ ମେଦିନୀପୁର ଜିଲ୍ଲାର ନ୍ୟୁଦିଘା ଠାରେ ଥିବା ଏକ ହୋଟେଲ୍‌ରୁ ସେମାନଙ୍କୁ ଗିରଫ୍ କରାଯାଇଥିଲା ।

# ୟୁଏସ୍-ଇସ୍ରାଏଲ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି ଚଳିତମାସ ଆରମ୍ଭରେ ଇରାନ୍ ଉପରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ଜବାବରେ ଇସ୍ରାଏଲ ଉପରେ ଇରାନ୍ ଆକ୍ରମଣ କରିବାର ଆଶଙ୍କା ରହିଛି । ବ୍ୟାପକ ଆଞ୍ଚଳିକ ଯୁଦ୍ଧ ଆଶଙ୍କା ବଢୁଥିବାରୁ ଇରାନ୍‌ର ଜବାବୀ ଆକ୍ରମଣ ପାଇଁ ଆମେରିକା ହାଇଆଲର୍ଟରେ ରହିଛି । ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି ଇସ୍ରାଏଲର ସୁରକ୍ଷା ପାଇଁ ଆମେରିକା ସମର୍ପିତ । ଇତିମଧ୍ୟରେ ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ସମେତ ଅନ୍ୟକେତେକ ଦେଶ ଇସ୍ରାଏଲରେ ସରକାରୀ କର୍ମଚାରୀଙ୍କ ପାଇଁ ନୂଆ ଟ୍ରାଭେଲ ଗାଇଡ୍‌ଲାଇନ୍ ଜାରି କରିଛନ୍ତି । ଇତିମଧ୍ୟରେ ହିଜ୍‌ବୁଲ୍ଲା ଲେବାନନ୍‌ରୁ ଇସ୍ରାଏଲ ଆଡକୁ ଅନେକଗୁଡ଼ିଏ ରକେଟ୍ ପ୍ରକ୍ଷେପଣ କରିଥିଲା । ଇସ୍ରାଏଲ ପ୍ରତିରକ୍ଷା ବାହିନୀର ଜଣେ ମୁଖପାତ୍ର କହିଛନ୍ତି ୪୦ଟି କ୍ଷେପଣାସ୍ତ୍ର ଏବଂ ୨ଟି ବିସ୍ଫୋରକ ଡ୍ରୋନ୍ ନିକ୍ଷେପ କରାଯାଇଛି । ତେବେ ଏଥିରେ ଇସ୍ରାଏଲରେ କେହି ମୃତାହତ ହୋଇନାହାନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଦିଲ୍ଲୀ କ୍ୟାପିଟାଲ୍ସ ୬ଓ୍ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି । ଅଟଳବିହାରୀ ବାଜପେୟୀ ଏକନାରେ ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ଏହି ୨୬ତମ

ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬୭ ରନ୍ ହାସଲ କରିଥିଲା । ଆୟୁଷ ବଦୋନୀ ୫୫ରନ୍ ଓ ଲୋକେଶ ରାହୁଲ ଅଣଚାଳିତ ରନ୍ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କୁଲଦୀପ ଯାଦବ ୩ଟି ୱିକେଟ୍ ହାସଲ କରିଥିଲେ । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଓଭର ଓ ଗୋଟିଏ ବଲ ଖେଳି ୧୭୦ ରନ୍ ହାସଲ କରି ବିଜୟୀ ହୋଇଥିଲା ।

ଆଜି ମୋହାଲିର ମୁଲାନପୁର ଷ୍ଟାଡିୟମରେ ରାତି ୭ଟା ୩୦ ମିନିଟ୍‌ରେ ପଞ୍ଜାବ କିଙ୍ଗ୍‌ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦୁଇଦଳ ଶେଷ ଲିଗ୍ ମ୍ୟାଚ୍‌ରେ ପରାଜିତ ହୋଇଥିବାରୁ ଆଜିର ମ୍ୟାଚ୍‌ରେ କଡା ମୁକାବିଲା ଦେଖିବାକୁ ମିଳିବ ।